ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ
ପତ୍ରସଂଖ୍ୟା. ୧୦୬୦ / ସୂ.ଲୋ.ସଂ., ତା. ୦୬-୧୧-୨୦୧୮
e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୬୪୦୬

# ତପୋବନମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା.୦୬-୧୧-୨୦୧୮ରିଖ- ଢେଙ୍କାନାଳ ପଞ୍ଚାୟତ ସମିତି ସଭାଗୃହରେ ଆଜି ତପୋବନ, ମହିମା ବିହାର ମେଳା-୨୦୧୮ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଦର ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମହିମା ତପୋବନ ମେଳା ଉପଲକ୍ଷେ ବିଭିନ୍ନ ବିଭାଗ ତରଫରୁ ଆବଶ୍ୟକ ବ୍ୟବସ୍ଥା କରିବାକୁ ସଦର ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ମହିମାଧର୍ମର ଆଦ୍ୟପୀଠ ତପୋବନ ମହିମା ବିହାର, କାଦୁଆଠାରେ ତପୋବନ ମେଳା ତା. ୧୮-୧୧-୨୦୧୮ରିଖ (ନଭେମ୍ବର ଅଠର ତାରିଖ) ରବିବାର ଦିନ ଅନୁଷ୍ଠିତ ହେବ । ତପୋବନ ମହିମା ମେଳା ନିମନ୍ତେ ଆନୁସଙ୍ଗିକ ସୁବିଧା କରିବାକୁ ବୈଠକରେ ଆଲୋଚନା ହୋଇଥିଲା । କାଦୁଆ ତପୋବନପୀଠକୁ ଯିବାପାଇଁ ରାସ୍ତା ମରାମତି ବ୍ୟବସ୍ଥା କରାଯିବ । ବନ ବିଭାଗ ଏଥିପାଇଁ ବ୍ୟବସ୍ଥା କରିବେ । ଯାତ୍ରୀସମାଗମକୁ ଦୃଷ୍ଟିରେରଖି ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଆବଶ୍ୟକ ପୋଲିସ ମୁତୟନ କରାଯିବ । ପାନୀୟଜଳ ଯୋଗାଣ ବ୍ୟବସ୍ଥା, ତପୋବନପୀଠରେ ଆଲୋକ ବ୍ୟବସ୍ଥା, ଗାଡ଼ିପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ଆଶ୍ରୟସ୍ଥଳ କରିବାକୁ ଆଲୋଚନା କରାଗଲା । ଲୋକମାନଙ୍କର ସୁବିଧାପାଇଁ ଶୌଚାଳୟ ଏବଂ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯିବ ।

ତପୋବନପୀଠ ରାସ୍ତା ଉନ୍ନତି କରଣ ଓ ତପୋପବ ପୀଠରେ ସ୍ଥାୟୀ ଆଲୋକ ବ୍ୟବସ୍ଥା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ତପୋବନ ମହିମାମେଳା ଉପଲକ୍ଷେ ପତ୍ରିକା ଉନ୍ମୋଚନ କରାଯିବ ।

ତପୋବନ ମହିମାମେଳା ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ରଥ ଦୀର୍ଘ ୩୫ବର୍ଷଧରି ଏହି ତପୋବନ ମେଳା ଚାଲିଆସୁଅଛି । ଏହି ମେଳାରେ ଦୂର ଦୂରାନ୍ତରରୁ ବହୁତ ଭକ୍ତ ସମାଗମ ହୋଇଥାନ୍ତି ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ ।

ତପୋବନ ମହିମା ମେଳା ପ୍ରସ୍ତୁତି ବୈଠକରେ ଢେଙ୍କାନାଳ ସଦର ବି.ଡ଼ି.ଓ ସରୋଜ କୁମାର ଦତ୍ତ, ତହସିଲ୍‌ଦାର ଉଦୟ କୁମାର ମହାପାତ୍ର, ମହିମାଗାଦିର ସଭାପତି ଶ୍ରୀମଦ୍ ରଘୁନାଥ ବାବା, ପରିଚାଳକ ଶ୍ରୀମଦ୍ ଅଭୀନାଶି ବାବା ଓ ପରିଚାଳକଗଣ, ସ୍ଥାନୀୟ ସରପଞ୍ଚ, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକରେ ସଦର ଉପଜିଲ୍ଲାପାଳ ସ୍ୱାଗତ ଭାଷଣ ଦେବାସହ ସଦର ବି.ଡ଼ି.ଓ ଶ୍ରୀ ସରୋଜ କୁମାର ଦତ୍ତ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

ହେମନ୍ତ କୁମାର ନାୟକ
୦୬/୧୧/୨୦୧୮
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ